# NATIONAL NEWS BULLETIN (ODIA)

**24 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଛତିଶଗଡ଼କୁ ଖୁବ୍‌ଶୀଘ୍ର ଉଗ୍ରବାଦରୁ ମୁକ୍ତି ମିଳିବ ଓ ରାଜ୍ୟ ଇତିହାସରେ ସୁବର୍ଣ୍ଣ ଅଧ୍ୟାୟ ସୃଷ୍ଟି ହେବ, କହିଲେ ରାଷ୍ଟ୍ରପତି

- କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ସଂସଦର ଉଭୟ ଗୃହରେ ହଟ୍ଟଗୋଳ

– ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହ ମୁଲତବୀ

- ସଂରକ୍ଷଣ ପାଇଁ ସମ୍ବିଧାନ ପରିବର୍ତ୍ତନ ମନ୍ତବ୍ୟକୁ ନେଇ କଂଗ୍ରେସକୁ କଡ଼ା ସମାଲୋଚନା କରିଛି ବିଜେପି

- ଯକ୍ଷ୍ମାରୋଗର କାରଣ, ନିରାକରଣ ଓ ପ୍ରଭାବ ନେଇ ଆଜି ପାଳିତ ହେଉଛି ବିଶ୍ୱ ଯକ୍ଷ୍ମା ଦିବସ

ଏବଂ

- ଆଜି ଆଇପିଏଲ୍‌ରେ ମୁହାଁମୁହିଁ ହେବେ ଦିଲ୍ଲୀ କ୍ୟାପିଟାଲ୍‌ସ ଓ ଲକ୍ଷ୍ନୌ ସୁପରଜ୍ୟାଣ୍ଟ୍‌ସ

---

## ପ୍ରେଜ୍- ଛତିଶଗଡ଼

ଛତିଶଗଡର ଜନସାଧାରଣଙ୍କୁ ସମାଜର ମୁଖ୍ୟ ଧାରାରେ ସାମିଲ କରିବା ନିମନ୍ତେ ନକ୍ସଲବାଦ ଶେଷ କରିବାର ଅନ୍ତିମ ପର୍ଯ୍ୟାୟରେ

ଉପନୀତ ହୋଇଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଆଜି ଛତିଶଗଡ଼ ବିଧାନସଭାର ରୌପ୍ୟ ଜୟନ୍ତୀ ଅବସରରେ ରାୟପୁରରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ମୁର୍ମୁ କହିଛନ୍ତି, ଛତିଶଗଡ଼ର ନକ୍ସଲ ପ୍ରଭାବିତ ଅଞ୍ଚଳର ଲୋକମାନେ ବିକାଶଧାରାରେ ସାମିଲ ହେବାକୁ ଆଗେଇ ଆସିଛନ୍ତି । ଛତିଶଗଡ଼କୁ ଖୁବ୍‌ଶୀଘ୍ର ଉଗ୍ରବାଦରୁ ମୁକ୍ତି ମିଳିବ ଏବଂ ରାଜ୍ୟ ଇତିହାସରେ ସୁବର୍ଣ୍ଣ ଅଧ୍ୟାୟ ସୃଷ୍ଟି ହେବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି :

**V/O**

ଛତିଶଗଡ଼ ବିଧାନସଭାର ରୌପ୍ୟ ଜୟନ୍ତୀ ଅବସରରେ ଆୟୋଜିତ ବିଧାନସଭାର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ରାମେନ ଡେକା, ବାଚସ୍ପତି ଡକ୍ଟର ରମଣ ସିଂ, ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଏବଂ ବିରୋଧୀ ଦଳ ନେତା ଡକ୍ଟର ଚରଣ ଦାସ ମହନ୍ତ ଉପସ୍ଥିତ ଥିଲେ । ଏହି ଅବସରରେ ରାଷ୍ଟ୍ରପତି ସଦସ୍ୟ ସନ୍ଦର୍ଭ ନାମକ ଏକ ପୁସ୍ତିକା ଉନ୍ମୋଚନ କରିଛନ୍ତି । ବିଧାନସଭା ପରିସରରେ ରାଷ୍ଟ୍ରପତି ଚାରା ରୋପଣ କରିଥିବା ଜଣାପଡ଼ିଛି ।

---

# ପାର୍ଲାମେଣ୍ଟ ଆଡଜର୍ନ

ସଂସଦର ଉଭୟ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ମନ୍ତବ୍ୟକୁ ନେଇ ଉଭୟ ରାଜ୍ୟସଭା ଓ ଲୋକସଭାରେ ହଟ୍ଟଗୋଳ ଯୋଗୁଁ ଗୃହ ମୁଲତବୀ ଘୋଷଣା କରାଯାଇଥିବା ଜଣାପଡ଼ିଛି । କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ଏକ ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁ ଗୋଷ୍ଠୀକୁ

ସଂରକ୍ଷଣ ଦେବା ପାଇଁ ସମ୍ବିଧାନ ପରିବର୍ତ୍ତନ ମନ୍ତବ୍ୟକୁ ନେଇ ଉଭୟ ଗୃହରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା ।

ରାଜ୍ୟସଭାର ଅଧିବେଶନ ଆରମ୍ଭ ହେବା କ୍ଷଣି ଟ୍ରେଜରୀ ବେଞ୍ଚ୍ ସଭ୍ୟମାନେ ଏହି ମନ୍ତବ୍ୟକୁ ନେଇ ପ୍ରତିବାଦ ଆରମ୍ଭ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ  କଂଗ୍ରେସକୁ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁ ଗୋଷ୍ଠୀ ପାଇଁ ସମ୍ବିଧାନ ପରିବର୍ତ୍ତନ ଭଳି ମନ୍ତବ୍ୟ ଦେବା ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ସମ୍ବିଧାନକୁ ଅବମାନନା ବୋଲି କହିଛନ୍ତି । ସେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି ।

**V/O**

**(Kiren Rijijiju)**

ରାଜ୍ୟସଭାରେ ସଦସ୍ୟ ଜେପି ନଡ୍ଡା’ କଂଗ୍ରେସକୁ ସମ୍ବିଧାନର ସମ୍ମାନ ହାନି କରୁଥିବା ନେଇ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଦେଶରେ ଧର୍ମକୁ ଆଧାର କରି ସଂରକ୍ଷଣ ବ୍ୟବସ୍ଥା ବିରୁଦ୍ଧରେ ଡକ୍ଟର ବି.ଆର୍. ଆମ୍ବେଦକର ସ୍ୱର ଉତ୍ତୋଳନ କରିଥିଲେ । ସେ କହିଛନ୍ତି କର୍ଣ୍ଣାଟକ ରାଜ୍ୟ ସରକାର ଧର୍ମକୁ ଆଧାର କରି ଚାରି ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିସାରିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି, କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ଅଭିସନ୍ଧିମୂଳକ ବୋଲି ଜଣାପଡୁଛି ।

ରାଜ୍ୟସଭାରେ ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି, ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ସମ୍ବିଧାନକୁ କେହି ପରିବର୍ତ୍ତନ କରିପାରିବେ ନାହିଁ ଏବଂ ଦେଶରେ ସଂରକ୍ଷଣ ବ୍ୟବସ୍ଥାକୁ ମଧ୍ୟ କେହି

ଲୋପ କରିପାରିବେ ନାହିଁ । ସେ ସମ୍ବିଧାନର ଅବମୂଲ୍ୟାନ କରୁଥିବା ନେଇ ବିଜେପିକୁ ସମାଲୋଚନା କରିଛନ୍ତି ।

ଯୁକ୍ତିତର୍କ ମଧ୍ୟରେ ହଟ୍ଟଗୋଳ ଜାରି ରହିବାରୁ  ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି ।

ଅନ୍ୟପକ୍ଷରେ ଲୋକସଭାରେ  ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ହଟ୍ଟଗୋଳ ହୋଇଥିଲା । ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିଯାଇ ଲୋକସଭାର କାର୍ଯ୍ୟରେ ସହଯୋଗ କରିବା ଲାଗି ପୀଠାସୀନ ଅଧିକାରୀ ଅନୁରୋଧ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନଥିଲା । ଫଳରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରାଯାଇଛି ।

ଆଜି ସକାଳେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଟେଜେରୀ ବେଞ୍ଚ ସଦସ୍ୟମାନେ ହଟ୍ଟଗୋଳ ସୃଷ୍ଟି କରିଥିଲେ । ସମାଜବାଦୀ ପାର୍ଟି ସଦସ୍ୟମାନେ  ଉତ୍ତରପ୍ରଦେଶରେ ମହିଳାମାନଙ୍କ ବିରୁଦ୍ଧରେ ବୃଦ୍ଧି ପାଉଥିବା ଅପରାଧକୁ ବିରୋଧ କରି ପ୍ଲାକାର୍ଡ ସହିତ ଗୃହମଧ୍ୟକୁ ପ୍ରବେଶ କରିଥିଲେ ଓ ପ୍ରଦର୍ଶନ କରିଥିଲେ । ବାଚସ୍ପତି ଓମ୍ ବିର୍ଲା ଗୃହମଧ୍ୟରେ ପ୍ଲାକାର୍ଡ ପ୍ରଦର୍ଶନକୁ ନିୟମ ବିରୁଦ୍ଧ ବୋଲି ଦର୍ଶାଇବା ସହ ଏଭଳି କାର୍ଯ୍ୟକଳାପ ବିରୁଦ୍ଧରେ ପଦକ୍ଷେପ ନେବେ ବୋଲି କହିଥିଲେ ମଧ୍ୟ ସମାଜବାଦୀ ପାର୍ଟି ସଦସ୍ୟମାନେ ସେମାନଙ୍କ ପ୍ରଦର୍ଶନ ଜାରି ରଖିଥିଲେ । ଅନ୍ୟପକ୍ଷରେ ବିଜେପି ସଦସ୍ୟମାନେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀଙ୍କ 'ସଂରକ୍ଷଣ ଓ ସମ୍ବିଧାନ' ମନ୍ତବ୍ୟକୁ ନେଇ ବିରୋଧ ପ୍ରଦର୍ଶନ କରିଥିଲେ ।

# ବିଜେପି-କଂଗ୍ରେସ : ଶିବକୁମାର

କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁ ଗୋଷ୍ଠୀଙ୍କୁ ସଂରକ୍ଷଣ ପ୍ରଦାନ ନେଇ ସମ୍ବିଧାନ ପରିବର୍ତ୍ତନ ଶୀର୍ଷକ ମନ୍ତବ୍ୟକୁ ନେଇ ବିଜେପି' କଂଗ୍ରେସକୁ ସମାଲୋଚନା କରିଛି । ସଂସଦ ବାହାରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ବିଜେପି ସାଂସଦ ସମ୍ବିତ ପାତ୍ର କହିଛନ୍ତି ଏହା କେବଳ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଶିବକୁମାରଙ୍କ ମନ୍ତବ୍ୟ ନୁହେଁ, ବରଂ ଏହା କଂଗ୍ରେସ ଦଳ ଓ ଗାନ୍ଧୀ ପରିବାରର ମନ୍ତବ୍ୟ ।

**V/O**

ଅନ୍ୟପକ୍ଷରେ କଂଗ୍ରେସ ସଂସଦର ଅଧିବେଶନକୁ ଠିକ୍ ଭାବରେ ପରିଚାଳନା କରୁନଥିବା ନେଇ ବିଜେପିକୁ ଦାୟୀ କରିଛି । ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ ଅଭିଯୋଗ କରି କହିଛନ୍ତି, ଶାସକ ଦଳ ଗୁରୁତ୍ୱପୂର୍ଣ୍ଣ ବିଧେୟକଗୁଡ଼ିକୁ ଆଲୋଚନା ନ କରି ଗୃହୀତ କରି ନେଉଛନ୍ତି । ବିଭିନ୍ନ ମନ୍ତ୍ରଣାଳୟର ଖର୍ଚ୍ଚଦାବି ଗିଲୋଟିନ୍ ଜରିଆରେ ଗୃହୀତ ହେଉଥିବା ସେ ଅଭିଯୋଗ କରିଛନ୍ତି ।

କଂଗ୍ରେସ ସାଂସଦ ଶଶି ଥରୁର ମଧ୍ୟ ଏ ନେଇ ସମାଲୋଚନା କରିଛନ୍ତି ।

---

# ଜଷ୍ଟିସ୍ ବର୍ମା

ଦିଲ୍ଲୀ ହାଇକୋର୍ଟ ବିଚାରପତି ଯଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ବାସଭବନରୁ ଅଗ୍ନିକାଣ୍ଡ ପରେ ବିପୁଳ ପରିମାଣର ଟଙ୍କା ଉଦ୍ଧାର ହେବା

ଘଟଣାରେ ଆଜି ଦିଲ୍ଲୀ ହାଇକୋର୍ଟ ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ ତାଙ୍କଠାରୁ ସମସ୍ତ ନ୍ୟାୟିକ କାର୍ଯ୍ୟକଳାପ ଅପସାରଣ କରିଛନ୍ତି । ଦିଲ୍ଲୀ ହାଇକୋର୍ଟ ପକ୍ଷରୁ ଆଜି ଏହି ବିଷୟ ଘୋଷଣା କରାଯାଇଛି । ଅନ୍ୟପକ୍ଷରେ ଦିଲ୍ଲୀ ହାଇକୋର୍ଟଙ୍କ ଓ୍ୱେବ୍‌ସାଇଟ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ, ୩ ନମ୍ବର ଖଣ୍ଡପୀଠର ସମସ୍ତ ମାମଲାଗୁଡ଼ିକ ଅନ୍ୟ ବେଞ୍ଚକୁ ସ୍ଥାନାନ୍ତର କରାଯିବ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଦିଲ୍ଲୀ ହାଇକୋର୍ଟର ୩ ନମ୍ବର ଖଣ୍ଡପୀଠରେ ଜଷ୍ଟିସ୍ ବର୍ମା ଅଧ୍ୟକ୍ଷତା କରୁଥିଲେ ।

ଗତ ୨୨ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଦିଲ୍ଲୀ ହାଇକୋର୍ଟ ମୁଖ୍ୟବିଚାରପତି ଜଷ୍ଟିସ୍ ଡି.କେ. ଉପାଧ୍ୟାୟଙ୍କ ଦ୍ୱାରା ଜଷ୍ଟିସ୍ ବର୍ମାଙ୍କ ବାସଭବନରୁ ଟଙ୍କା ମିଳିବା ଘଟଣାର ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରିଥିଲେ । ଏଥିସହ ଜଡ଼ିତ ସମସ୍ତ ଫଟୋ ଏବଂ ଭିଡ଼ିଓକୁ ମଧ୍ୟ ସୁପ୍ରିମକୋର୍ଟ ସାର୍ବଜନୀନ କରିଥିଲେ । ଅନ୍ୟପକ୍ଷରେ ଜଷ୍ଟିସ୍ ବର୍ମା ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ସେ କିମ୍ବା ତାଙ୍କ ପରିବାରର ସଦସ୍ୟ ଷ୍ଟୋରରୁମ୍‌ରେ ଟଙ୍କା ରଖିନଥିବା କହିଛନ୍ତି ।

## ଆର୍‌ଏସ୍ ମିଟିଂ

ଦିଲ୍ଲୀ ହାଇକୋର୍ଟ ବିଚାରପତିଙ୍କ ବାସଗୃହରୁ ଟଙ୍କା ମିଳିବା ଘଟଣାରେ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼' ରାଜ୍ୟସଭାରେ ଗୃହର ନେତା ଜେ.ପି. ନଡ୍ଡା ଏବଂ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେଙ୍କ ସହ ଆଲୋଚନା କରିଛନ୍ତି । ସଂସଦର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଏହି ବୈଠକ ହୋଇଥିଲା । ଗତ ସପ୍ତାହରେ ରାଜ୍ୟସଭାରେ କଂଗ୍ରେସ ସାଂସଦ ଜୟରାମ ରମେଶ ଏହି ପ୍ରସଙ୍ଗ ଉତ୍ଥାପନ କରିଥିଲେ । ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିଥିବା ଜଣାପଡ଼ିଛି ।

# ଯକ୍ଷ୍ମା ଦିବସ

ଯକ୍ଷ୍ମାରୋଗର କାରଣ, ଏହାର ନିରାକରଣ ଏବଂ ସ୍ୱାସ୍ଥ୍ୟ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପଡୁଥିବା ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଉଛି । ଏହି ରୋଗର ମୂଳୋତ୍ପାଟନ ପାଇଁ ପ୍ରୟାସକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖରେ ଏହି ଦିବସ ପାଳିତ ହୋଇଥାଏ । ୧୮୮୨ ମସିହାରେ ଡକ୍ଟର ରବର୍ଟ୍ କୋଚ୍‌ଙ୍କ ଯକ୍ଷ୍ମା ଜୀବାଣୁ ଆବିଷ୍କାରର ବାର୍ଷିକୀ ପାଳନ ଅବସରରେ ଏହି ଦିବସ ପାଳନ କରାଯାଇଥାଏ । ଚଳିତ ବର୍ଷର ବିଷୟବସ୍ତୁ ରହିଛି – "ପ୍ରତିଶ୍ରୁତି, ପଦକ୍ଷେପ ଏବଂ କାର୍ଯ୍ୟକାରିତା ମାଧ୍ୟମରେ ହଁ ଆମେ ଯକ୍ଷ୍ମାର ଅନ୍ତ କରିପାରିବା" ।

ଯକ୍ଷ୍ମା ରୋଗର ଆହ୍ୱାନକୁ ମୁକାବିଲା କରିବା ଲକ୍ଷ୍ୟ ନେଇ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ରହିଥିବା ପ୍ରତିବଦ୍ଧତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଏହି ବିଷୟବସ୍ତୁର ମୁଖ୍ୟ ଉଦ୍ଦେଶ୍ୟ ।  ଦେଶରେ ଯକ୍ଷ୍ମା ନିରାକରଣ ପାଇଁ କେନ୍ଦ୍ର ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ରୋଗି ଚିହ୍ନଟ, ମାଗଣା ଔଷଧ ପ୍ରଦାନ ଏବଂ ଚିକିତ୍ସାର ବ୍ୟବସ୍ଥା କରାଯିବା ସହ ନି-ଅକ୍ଷୟ ପୋଷଣ ଯୋଜନା ମାଧ୍ୟମରେ ରୋଗିଙ୍କୁ ପୋଷଣ ସହାୟତା ବାବଦରେ ମାସିକ ୧ ହଜାର ଟଙ୍କା ପ୍ରଦାନ କରିବା ନେଇ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଯକ୍ଷ୍ମା ରୋଗିଙ୍କ ଚିହ୍ନଟ ତଥା ସେମାନଙ୍କୁ ଚିକିତ୍ସା ପ୍ରଦାନ ନେଇ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ ଦେଶରେ ଅନୁଷ୍ଠିତ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୨୦୨୪ ରିପୋର୍ଟ ଅନୁଯାୟୀ ଭାରତରେ ଯକ୍ଷ୍ମା ସଂକ୍ରମଣ ହାର ୧୭ ଦଶମିକ୍ ୭ ପ୍ରତିଶତ ହ୍ରାସ ପାଇଛି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଯକ୍ଷ୍ମାର ନିରାକରଣ ଓ ଚିକିତ୍ସା** ଶୀର୍ଷକ ଆଲୋଚନା ପ୍ରଚାରଣ କରାଯିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଉପ-ମହାନିର୍ଦ୍ଦେଶକ ଡକ୍ଟର ଉର୍ବଶି ବି ସିଂହ ଏବଂ ନୂଆଦିଲ୍ଲୀ ସ୍ଥିତ ସବ୍‌ଦରଜଙ୍ଗ ହସ୍ପିଟାଲ୍‌ର ପଲମୋନାରି ମେଡିସିନ୍ ବିଭାଗର ମୁଖ୍ୟ ଡକ୍ଟର ରୋହିତ କୁମାର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

---

# ଏନ୍‌ଭାୟାର୍ଣ୍ଣମେଣ୍ଟ ଗ୍ଲୋବାଲ୍ ସିମ୍ପୋଜିୟମ୍

କେନ୍ଦ୍ର ସରକାର ସମ୍ବଳ ସାମର୍ଥ୍ୟ ବୃଦ୍ଧି କରି ସମାବେଶୀ ନିର୍ମାଣ ଢ଼ାଞ୍ଚା ପ୍ରସ୍ତୁତ କରିବା ଦିଗରେ ନୀତି ନିର୍ଦ୍ଧାରଣ କରୁଛନ୍ତି ବୋଲି ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ କହିଛି । ଆଜି ଏ ସଂପର୍କିତ ଏକ କର୍ମଶାଳାରେ ମନ୍ତ୍ରଣାଳୟର ଯୁଗ୍ମ ସଚିବ କହିଛନ୍ତି ଗତ କିଛିବର୍ଷ ହେବ ମନ୍ତ୍ରଣାଳୟ ପକ୍ଷରୁ ପ୍ଲାଷ୍ଟିକ୍, ଇ-ଆବର୍ଜନା, ବ୍ୟାଟେରୀ ଏବଂ ପାଇପ୍ ଲାଇନ୍ ଭଳି ନିର୍ମାଣ କ୍ଷେତ୍ରରେ ଉତ୍ତର ଦାୟିତ୍ୱ ନ୍ୟସ୍ତ କରାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ବିଶ୍ୱସ୍ତରୀୟ ପ୍ରାୟ ୫୦ଟି ଶିଳ୍ପ କ୍ଷେତ୍ରରେ ସମନ୍ୱୟ ଭିତ୍ତିରେ ଗବେଷଣା ଉପଲବ୍ଧ ନୀତି କାର୍ଯ୍ୟକାରୀ

କରାଯାଉଛି । ଏସବୁ କ୍ଷେତ୍ରରେ ଆଗାମୀ ଦିନରେ ପାଇଲଟ ପ୍ରୋଜେକ୍ଟ କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

---

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ପ୍ରତିଯୋଗିତାର ଆଜି ତୃତୀୟ ଦିନରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ମଧ୍ୟରେ ମୁକାବିଲା ହେବ । ବିଶାଖାପଟନମ୍ ଠାରେ ସନ୍ଧ୍ୟା ସାଢ଼େ ସାତଟାରେ ଏହି ମ୍ୟାଚ୍ ଖେଳାଯିବ ।

ଗତକାଲି ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ବିଜୟୀ ହୋଇଛି । ଚେନ୍ନାଇର ଏମ୍. ଚିଦାମ୍ବରମ୍ ଷ୍ଟାଡିୟମ୍ ଠାରେ ଗତକାଲି ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ମୁମ୍ବାଇ ଇଣ୍ଡିଆନ୍ସକୁ ୪ ୱିକେଟ୍‌ରେ ହରାଇ ଦେଇଛି । ଟସ୍ ଜିତି ଚେନ୍ନାଇ ମୁମ୍ବାଇ ଇଣ୍ଡିଆନ୍ସକୁ ପ୍ରଥବେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ବିନିମୟରେ ୧୫୫ରନ୍ ସଂଗ୍ରହ କରିଥିଲା । ୧୫୬ରନ୍‌ର ବିଜୟ ଲକ୍ଷ୍ୟକୁ ଚେନ୍ନାଇ ୧୯ ଓଭର ଗୋଟିଏ ବଲ୍‌ରେ ୬ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳ ପକ୍ଷରୁ ରଚିନ୍ ରବିନ୍ଦ୍ର ଅପରାଜିତ ୬୫ରନ୍ ଏବଂ ଅଧିନାୟକ ଋତୁରାଜ ଗାୟକୱାଡ୍ ୫୩ରନ୍ ସଂଗ୍ରହ କରିଥିଲେ । ଚେନ୍ନାଇର ନୁର୍ ଅହମ୍ମଦ ପ୍ଲେୟାର୍ ଅଫ୍‌ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ଅନ୍ୟପକ୍ଷରେ ପ୍ରଥମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍’ ରାଜସ୍ଥାନ ରୟାଲ୍ସ ବିରୁଦ୍ଧରେ ୪୪ରନ୍‌ରେ ବିଜୟୀ ହୋଇଥିଲା ।

ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ରାଜସ୍ଥାନ ରୟାଲ୍ସ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ ଆରମ୍ଭ କରି ସନ୍‌ରାଇଜର୍ସ ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରେ ୬ ୱିକେଟ୍ ବିନିମୟରେ ୨୮୬ରନ୍ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଇଶାନ୍ କିଶାନ୍ ଶତକୀୟ ପାଳି ଖେଳିଥିବା ବେଳେ ଟ୍ରାଭିସ୍ ହେଡ୍ ୬୭ ରନ୍ ସଂଗ୍ରହ କରିଥିଲେ । ୨୮୭ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ରାଜସ୍ଥାନ ରୟାଲ୍ସ ୬ ୱିକେଟ୍ ବିନିମୟରେ ୨୪୨ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ । ହାଇଦ୍ରାବାଦ୍‌ର ଇଶାନ୍ କିଶାନ୍ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

..............................................................................